# NATIONAL NEWS BULLETIN (ODIA)

## 11 July - 2025

## Morning Bulletin : 7.15 A.M.

****************************************************

## ମୁଖ୍ୟ ସମ୍ବାଦ

- ଆସନ୍ତା ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଭାରତ ହେବ ନକ୍ସଲମୁକ୍ତ, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୬୬ ପ୍ରତିଶତ ଯାଞ୍ଚ୍ ସରିଥିବା ସୂଚନା ।
- ଆକ୍ସିଓମ୍ ଫୋର୍ ମିଶନ୍‌ର ପ୍ରତ୍ୟାବର୍ତ୍ତନ ଲାଗି ଚଳିତ ମାସ ୧୪ ତାରିଖରେ ଆରମ୍ଭ ହେବ ପ୍ରକ୍ରିୟା ।
- ନିପା ସଂକ୍ରମଣର ମିଳିତ ମୁକାବିଲା ଲାଗି କେରଳର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ବୈଜ୍ଞାନିକ ।

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ୨୫୧ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଇଂଲଣ୍ଡ ।

# ପୂର୍ବାଞ୍ଚଳ ବୈଠକ-ମୁଖ୍ୟମନ୍ତ୍ରୀ

ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଗତକାଲି ଝାଡ଼ଖଣ୍ଡରେ ଅନୁଷ୍ଠିତ ୨୭ତମ ପୂର୍ବାଞ୍ଚଳ ପରିଷଦ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା ନକ୍ସଲ ବିରୋଧି ପଦକ୍ଷେପ ଗୁଡ଼ିକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ନକ୍ସଲ ବିରୋଧି ପଦକ୍ଷେପ କ୍ଷେତ୍ରରେ ସମସ୍ତ ରାଜ୍ୟ ମିଳିତ ହୋଇଥିବାରୁ ଏବଂ ସୁରକ୍ଷାବଳର ସାହସିକ କାର୍ଯ୍ୟ ଯୋଗୁଁ ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି । କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ତିନୋଟି ନୂଆ ଅପରାଧିକ ଆଇନ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ନେଇ ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକ ଉଦ୍ୟମ କରିବା ଆବଶ୍ୟକ । ୨୦୦୪ରୁ ୨୦୧୪ ମଧ୍ୟରେ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦର ୨୫ଥର ବୈଠକ ବସିଥିବା ବେଳେ ୨୦୧୪ରୁ ୨୦୨୫ ମଧ୍ୟରେ ଏହି ସଂଖ୍ୟା ୬୩କୁ ବୃଦ୍ଧି ପାଇଛି । ବୈଠକ ସମୟରେ ଶ୍ରୀ ଶାହା ବିହାର ଏବଂ ଝାଡ଼ଖଣ୍ଡ ମଧ୍ୟରେ ଦେଖାଦେଇଥିବା ସମସ୍ୟା ଗୁଡ଼ିକର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ଏଥିରେ ଯୋଗ ଦେଇ ରାଜ୍ୟଗୁଡ଼ିକର ସାମାଜିକ ଓ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି ବୋଲି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଅପହଞ୍ଚ ସ୍ଥାନରେ ବିକାଶ କାର୍ଯ୍ୟ ଅଗ୍ରଗତି ନେଇ ପଦକ୍ଷେପ ନିଆଯିବ। ବ୍ୟାଙ୍କସେବା ପହଞ୍ଚି ପାରିନଥିବା ସ୍ଥାନଗୁଡ଼ିକରେ ବ୍ୟାଙ୍କ ସୁବିଧା ଉପଲବ୍ଧ କରାଯିବ । ଆସନ୍ତାବର୍ଷ

ପୂର୍ବାଞ୍ଚଳ ପରିଷଦ ବୈଠକ ପୁରୀରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

**V/O**

# ଏସ୍‌ସି– ବିହାର ଇସିଆଇ

ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଏ ପର୍ଯ୍ୟନ୍ତ ୬୬ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି । ଗତକାଲି ସନ୍ଧ୍ୟା ୬ଟା ସୁଦ୍ଧା ୭ କୋଟି ୮୯ ଲକ୍ଷ ଭୋଟରଙ୍କ ମଧ୍ୟରୁ ୫ କୋଟି ୨୨ ଲକ୍ଷ ଭୋଟର ଯାଞ୍ଚ୍ ପ୍ରକ୍ରିୟା ଶେଷ ହୋଇଛି । ଜୁନ୍ ୨୪ ଠାରୁ ଆରମ୍ଭ ହୋଇଥିବା ଏହି ଯାଞ୍ଚ ପ୍ରକ୍ରିୟା ଶେଷ ହେବା ଲାଗି ଦୁଇ ସପ୍ତାହରୁ ଅଧିକ ସମୟ ବଳକା ରହିଛି । ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ୭୭ ହଜାର ୮୯୫ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ୨୦ ହଜାର ନବନିଯୁକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀ ସାମିଲ ହୋଇଛନ୍ତି । ଯାଞ୍ଚ୍ ପ୍ରକ୍ରିୟାକୁ ସଫଳ କରିବା ଲାଗି ୪ ଲକ୍ଷରୁ ଅଧିକ ସ୍ୱଚ୍ଛା ସେବୀ ସହାୟତା କରୁଛନ୍ତି । ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ୧ ଲକ୍ଷ ୫୬ ହଜାର ବୁଥ୍ ସ୍ତରୀୟ ଏଜେଣ୍ଟଙ୍କୁ ନିଯୁକ୍ତ କରାଯାଇଛି ।

ଅନ୍ୟ ପକ୍ଷରେ ବିହାରରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଜାରି ରଖିବା ପାଇଁ ନିର୍ବାଚନ ଆୟୋଗଙ୍କୁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ବିଚାରପତି ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିହାରରେ

ଆଗକୁ ନିର୍ବାଚନ ହେବାକୁ ଥିବାରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ନେଇ ଆଗତ କେତୋଟି ମାମଲାର ଶୁଣାଣି କରିବା ଅବସରରେ ଖଣ୍ଡପୀଠ ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି। ତେବେ ଏହି ସଂଶୋଧନ ପ୍ରକ୍ରିୟାରେ ନ୍ୟାୟିକ ସ୍ୱାର୍ଥରକ୍ଷାକୁ ଦୃଷ୍ଟିରେ ରଖି ଆଧାରକାର୍ଡ, ରାସନକାର୍ଡ ଏବଂ ଭୋଟର ପରିଚୟପତ୍ର ପରି ପ୍ରମୁଖ ପରିଚୟପତ୍ର ଗ୍ରହଣ କରିବା ନେଇ ବିଚାର କରିବାକୁ ଖଣ୍ଡପୀଠ ନିର୍ବାଚନ ଆୟୋଗକଙ୍କୁ କହିଛନ୍ତି। ଆୟୋଗଙ୍କ ଦ୍ୱାରା ବିହାରରେ ଭୋଟର ତାଲିକାରେ ସଂଶୋଧନ ପ୍ରକ୍ରିୟା ସାମ୍ବିଧାନିକ ବିଧିବ୍ୟବସ୍ଥା ମଧ୍ୟରେ ସ୍ୱୀକୃତ ବୋଲି ଖଣ୍ଡପୀଠ ସ୍ୱଷ୍ଟ କରିଛନ୍ତି। ତେବେ ଏଥିପାଇଁ ପୂର୍ବରୁ ପଦକ୍ଷେପ ଗ୍ରହଣ କରିବା ଉଚିତ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି। ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଏହି ସ୍ୱତନ୍ତ୍ର ପଦକ୍ଷେପ କାହିଁକି ଗ୍ରହଣ କରାଯାଇନାହିଁ ବୋଲି ଖଣ୍ଡପୀଠ ମଧ୍ୟ ପ୍ରଶ୍ନ କରିଛନ୍ତି।

ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସଂଶୋଧନ ପ୍ରକ୍ରିୟାରେ ଆଧାରକାର୍ଡକୁ ବାଦ୍ ଦେବା ନେଇ ମାମଲାରେ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ଏହାର ଜବାବରେ ଆୟୋଗ କହିଛନ୍ତି, ଭୋଟର ହେବା ପାଇଁ ନାଗରିକତ୍ୱ ଯାଞ୍ଚ ଜରୁରୀ ଏବଂ ଏହାର ପ୍ରମାଣଭାବେ ଆଧାରକାର୍ଡକୁ ବ୍ୟବହାର କରାଯାଇପାରିବ ନାହିଁ। ଏହା ଉପରେ ପ୍ରତିକ୍ରିୟା ରଖି ଖଣ୍ଡପୀଠ କହିଛନ୍ତି, ଏଥିପାଇଁ ବହୁ ପୂର୍ବରୁ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଥିଲା। ତେବେ ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରିସରଭୁକ୍ତ ବୋଲି ଖଣ୍ଡପୀଠ କହିଛନ୍ତି। ବିହାରରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନେଇ ଆଗତ ଏକାଧିକ ମାମଲାର ସୁପ୍ରିମକୋର୍ଟ ଏକାଠି ଶୁଣାଣି କରୁଛନ୍ତି।

# ଆକ୍ସିଓମ୍-ଫୋର୍ ନାସା

ଆକ୍ସିଓମ୍ ଫୋର୍ ମିଶନ୍‌ରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଥିବା ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଅନ୍ୟ ତିନି ଜଣ କ୍ରୁ-ସଦସ୍ୟ  ଚଳିତ ମାସ ୧୪ ତାରିଖରେ ପ୍ରତ୍ୟାବର୍ତ୍ତନ କରିବା ଲାଗି ଯାତ୍ରା ଆରମ୍ଭ କରିବେ ବୋଲି ନାସା ଘୋଷଣା କରିଛି । ନାସା ବାଣିଜ୍ୟିକ କ୍ରୁ-କାର୍ଯ୍ୟକ୍ରମର ପରିଚାଳକ ଷ୍ଟିଭ୍ ଷ୍ଟିଚ୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆକ୍ସିଓମ୍ ଫୋର୍ ମିଶନ୍‌କୁ ଅନ୍‌ଡକ୍ କରିବା ଲାଗି ୧୪ ତାରିଖରେ ପ୍ରକ୍ରିୟା ଆରମ୍ଭ ହେବ । ଅନ୍‌ଡକ୍ ହେବାର କେତେ ଘଣ୍ଟା ପରେ ଏହା ପ୍ରଶାନ୍ତ ମହାସାଗରର କାଲିଫର୍ଣ୍ଣିଆ ଉପକୂଳ ନିକଟରେ ଅବତରଣ କରିବ ବୋଲି ଆଶା କରାଯାଉଛି ।

ଗ୍ରୁପ୍ କ୍ୟାପ୍‌ଟେନ୍ ଶୁକ୍ଲା ଆନ୍ତର୍ଜାତିକ ମହାକାଶ ଷ୍ଟେସନ୍‌କୁ ୧୪ ଦିନିଆ ମିଶନ୍‌ରେ ଅଛନ୍ତି । ସେ ୧୯୮୪ ମସିହାରେ ମହାକାଶକୁ ଯାଇଥିବା ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ମହାକାଶଚାରୀ । ଗ୍ରୁପ୍ କ୍ୟାପ୍‌ଟେନ୍ ଶୁକ୍ଲା ଏହି ମିଶନ୍‌ରେ ୭ଟି ପରୀକ୍ଷଣ କରିଛନ୍ତି । ତାଙ୍କ ପିତାମାତା କହିଛନ୍ତି, ଏହି ମିଶନ୍‌ରେ ଶୁକ୍ଲାଙ୍କ ସାମିଲ ହେବା ନେଇ ସେମାନେ ଗର୍ବ ଅନୁଭବ କରୁଛନ୍ତି ।

# ଭିସି-ଚାନ୍ସେଲର କନଫରେନ୍ସ

ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନର୍ମଦାର କେଭାଡ଼ିଆଠାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିଙ୍କ ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ମୌଳିକ ପରିବର୍ତ୍ତନ ଆସିଛି।

**V/O- DHARMENDRA-PRADHAN-ON-NEP**

ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟାନ୍ୱୟନକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟ ନେଇ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଏହି ସମ୍ମିଳନୀର ଆୟୋଜନ କରାଯାଇଛି।

# କେରଳ-ନିପା

ନିପା ସଂକ୍ରମଣର ମୁକାବିଲା ଲାଗି ମିଳିତ ଅଭିଯାନର ଅଂଶସ୍ୱରୂପ ଜାତୀୟ ରୋଗନିୟନ୍ତ୍ରଣ କେନ୍ଦ୍ରର ବୈଜ୍ଞାନିକମାନେ କେରଳର ପାଲକଡ଼ ଏବଂ ମାଲାପୁରମ୍ ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । କେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ପ୍ରଣୟ ବର୍ମାଙ୍କ ନେତୃତ୍ୱରେ ଗଠିତ ଦଳ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିବା ସୂଚନା ମିଳିଛି । ପୁଣେର ଜାତୀୟ ଭାଇରୋଲୋଜି ସଂସ୍ଥାନର ବୈଜ୍ଞାନିକମାନଙ୍କର ଏକ ନୂଆ ଦଳ ମଧ୍ୟ ପାଲକଡ଼ ଏବଂ ମାଲାପୁରମ୍‌ରେ ନିପା ସଂକ୍ରମିତ ଅଞ୍ଚଳ ପରିଦର୍ଶନ କରିବାର ସମ୍ଭାବନା ରହିଛି । ଦିଲ୍ଲୀପ

ପାଟିଲଙ୍କ ନେତୃତ୍ୱରେ ଗଠିତ ଏହି ଦଳ ସମ୍ପୃକ୍ତ ଅଞ୍ଚଳରେ ବାଦୁଡ଼ି ଉପରେ ସର୍ବେକ୍ଷଣ କରିବେ । କେନ୍ଦ୍ରୀୟ ଦଳ ଗତକାଲି ସେହି ଅଞ୍ଚଳ ଗସ୍ତ କରି ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା କାଳରେ ନିପା ଭାଇରସ ସଂକ୍ରମଣକୁ ରୋକିବା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ନେଇ ସନ୍ତୋଷ ପ୍ରକାଶ କରିଥିଲେ ।

ଅନ୍ୟ ପକ୍ଷରେ କେରଳର ସ୍ୱାସ୍ଥ୍ୟ ମନ୍ତ୍ରୀ ବୀଣା ଜର୍ଜ୍ କହିଛନ୍ତି, ଏବେ ରାଜ୍ୟରେ ନିପା ସଂକ୍ରମଣ ନେଇ ୪୯୯ ଜଣଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି । ମାଲାପୁରମ୍‌ରେ ସଂଘରୋଧ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯାଇଥିବା ବେଳେ ପାଲକଡ଼୍‌ରେ ଏହି କଟକଣା ଜାରି ରହିବ ବୋଲି ସେ କହିଛନ୍ତି ।

## ଅମିତ ଶାହା-କେରଳ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଦୁଇ ଦିନିଆ କେରଳ ଗସ୍ତରେ ଯାଇ ତିରୁଅନନ୍ତପୁରମ୍‌ରେ ପହଞ୍ଚିବେ । ଶ୍ରୀ ଶାହା ୭ଟି ଜିଲ୍ଲାର ବିଜେପି ୱାର୍ଡ୍ କମିଟି ପଦାଧିକାରୀଙ୍କ ସହ ଏକ ବୈଠକରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ସମୟରେ ସେ ତିରୁଅନନ୍ତପୁରମ୍‌ରେ ଦଳର ନୂତନ ରାଜ୍ୟ ମୁଖ୍ୟାଳୟ ମଧ୍ୟ ଉଦ୍‌ଘାଟନ କରିବେ । ଶ୍ରୀ ଶାହା ଥାଲିପରମ୍ବା ରାଜରାଜେଶ୍ୱରୀ ମନ୍ଦିରରେ ଦର୍ଶନ କରିବା ପାଇଁ ମଧ୍ୟ କନ୍ନୁର୍ ଗସ୍ତ କରିବେ ବୋଲି ଜଣାପଡ଼ିଛି ।

# ଭିପି-ଇଣ୍ଡିଆନ୍ ଇକୋନମି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଭାରତ ଏକ ଭରସା ଯୋଗ୍ୟ ଅର୍ଥନୀତି ଭାବେ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଏକ ନିର୍ଭରଶୀଳ ଅଂଶୀଦାର ସାବ୍ୟସ୍ତ ହୋଇଛି । ନୂଆଦିଲ୍ଲୀରେ ସି.ଆଇ.ଆଇ.-ଆଇ.ଟି.ସି. ପୁରସ୍କାର ସମାରୋହକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି କହିଛନ୍ତି, ବର୍ତ୍ତମାନ ବିଶ୍ୱ ଅଶାନ୍ତ ଏବଂ ଅସ୍ଥିରତା ମଧ୍ୟରେ ଗତି କରୁଛି । ଯୋଗାଣ ଶୃଙ୍ଖଳାରେ ବ୍ୟାପକ ବିଭ୍ରାଟ ଦେଖାଦେଉଥିବା ବେଳେ ଭାରତ ସ୍ଥିରତା ପ୍ରଦର୍ଶନ କରିଛି । ଭାରତର ସ୍ଥାୟୀ ବିକାଶକୁ ଲକ୍ଷ୍ୟ କରି ଉପରାଷ୍ଟ୍ରପତି କହିଛନ୍ତି, ବିଶ୍ୱର ସର୍ବବୃହତ ଅର୍ଥନୀତିର ପ୍ରମାଣ ସ୍ୱରୂପ ଭାରତ ବିକାଶ କ୍ଷେତ୍ରରେ ଏକ ନିଶ୍ଚିତ ଧାରା ବଜାୟ ରଖିବାରେ ସଫଳ ହୋଇଛି । ସେ କହିଛନ୍ତି, ନବୀକରଣୀୟ ଶକ୍ତି, ସବୁଜ ହାଇଡ୍ରୋଜେନ୍, ସହଜ ଅର୍ଥନୀତି ମଡେଲ୍ ଏବଂ ଶୂନ୍ୟ ଅଙ୍ଗାରକ ନିର୍ଗମନ ଶିଳ୍ପ କ୍ଷେତ୍ରରେ ଭାରତକୁ ମାଇଲଖୁଣ୍ଟ ସ୍ଥାପନ କରିବାକୁ ହେବ । ଏଥିଲାଗି ସେ ଭାରତୀୟ ଶିଳ୍ପକୁ ଆହ୍ୱାନ ଦେଇଛନ୍ତି ।

ଉପରାଷ୍ଟ୍ରପତି କହିଛନ୍ତି, ଦେଶର ପ୍ରଗତିରେ ସରକାର, ଜନସାଧାରଣ, ଶିଳ୍ପ ଏବଂ ପ୍ରତ୍ୟେକଟି କ୍ଷେତ୍ରର ଅଂଶିଦାରମାନେ ଆଗେଇ ଆସିବାକୁ ପଡ଼ିବ । ଶିଳ୍ପ ଗୁଡ଼ିକ ଶିକ୍ଷାନୁଷ୍ଠାନ, ତାଲିମ୍ ପ୍ରତିଷ୍ଠାନ ଏବଂ ସରକାରଙ୍କ ସହ ମିଶି ଭବିଷ୍ୟତ ପାଇଁ ପ୍ରସ୍ତୁତ ପାଠ୍ୟକ୍ରମକୁ ରୂପରେଖ ଦେବା ଲାଗି ଉପରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ଗୁଣବତ୍ତା, ବିଶ୍ୱାସ, ନବସୃଜନ ଏବଂ ଆଧୁନିକ ପ୍ରାସଙ୍ଗିକତା ସମ୍ପନ୍ନ ଜ୍ଞାନ ଭଳି ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରି ବ୍ରାଣ୍ଡ ଇଣ୍ଡିଆ ନିର୍ମାଣ କରିବାକୁ ଉପରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି ।

# ଟେଷ୍ଟ କ୍ରିକେଟ୍

ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଆୟୋଜକ ଇଂଲଣ୍ଡ ୨୫୧ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଗତକାଲି ପ୍ରଥମ ଦିନରେ ଇଂଲଣ୍ଡ' ଭାରତ ବିପକ୍ଷରେ ୪ ଓ୍ୱିକେଟ୍ ହରାଇ ୨୫୧ରନ୍ ସ୍କୋର କରିଥିଲା । ଜୋ ରୁଟ୍ ୯୯ ଏବଂ ବେନ୍ ଷ୍ଟୋକ୍ସ ୩୯ରନ୍ କରି କ୍ରିଜ୍‌ରେ ଅଛନ୍ତି । ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଇଂଲଣ୍ଡର ଜୋ ରୁଟ୍ ଏବଂ ଓଲି ପୋପ୍ ୧୦୯ରନ୍ ସ୍କୋର କରିଥିଲେ ।

ହେଡିଂଲିରେ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ପାଞ୍ଚ ଓ୍ୱିକେଟ୍‌ରେ ବିଜୟ ଲାଭ କରିଥିବା ବେଳେ ଏଜ୍‌ବାଷ୍ଟନ୍‌ରେ ଦ୍ୱିତୀୟ ଟେଷ୍ଟରେ ଭାରତ ୩୩୬ରନ୍‌ରେ ବିଜୟ ଲାଭ କରିଛି । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ବର୍ତ୍ତମାନ ୧-୧ରେ ସମାନ ସ୍ଥିତିରେ ରହିଛି ।